# NATIONAL NEWS BULLETIN (ODIA)

**8 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦୁଇଦିନିଆ ସାଉଦିଆରବ ଗସ୍ତରେ ଯାଇ ରିୟାଦ୍‌ରେ ପହଞ୍ଚିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ।
- ଜାମ୍ମୁକାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ବିଜେପି ଘୋଷଣା କଲା ଆଉଏକ ୧୦ଜଣିଆ ପ୍ରାର୍ଥୀ ତାଲିକା ।
- ଆନ୍ତର୍ଜାତିକ ସାକ୍ଷରତା ଦିବସ ଆଜି ପାଳନ କରାଯାଉଛି ।
- ଲକ୍ଷ୍ନୌ କୋଠା ଭୁଶୁଡି ପଡିବା ଘଟଣାରେ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି ।

ଏବଂ

- ମହାରାଷ୍ଟ୍ର, ତେଲେଙ୍ଗାନା ଏବଂ ଓଡ଼ିଶାରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ ।

---

## ଜୟଶଙ୍କର-ରିୟାଦ୍ ବର୍ଲିନ ଜେନେଭା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଦୁଇଦିନିଆ ସାଉଦି ଆରବ ଗସ୍ତରେ ଯାଇ ଆଜି ରିୟାଦ୍‌ଠାରେ ପହଞ୍ଚିଛନ୍ତି । ସେଠାରେ ସରକାରୀ ପ୍ରତିନିଧି ତଥା ରିୟାଦ୍ ସରକାରଙ୍କ ପ୍ରୋଟୋକଲ ବ୍ୟାପାର

ଉପମନ୍ତ୍ରୀ ଅବଦୁଲ ନାଜିଦ ଅଲ୍ ସ୍ମାରି ତାଙ୍କୁ ସ୍ୱାଗତ ଜଣାଇଛନ୍ତି । ଏହି ଦୁଇଦିନିଆ ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ଭାରତ-ଉପସାଗରୀୟ ସହଯୋଗ ପରିଷଦ (ଜିସିସି)ର ପ୍ରଥମ ବିଦେଶ ମନ୍ତ୍ରୀ ବୈଠକରେ ଯୋଗଦେବେ।  ଏହି ଅବସରରେ ଜିସିସି ସଦସ୍ୟ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀମାନଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଜିସିସି ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡ଼ିକ ଭାରତ ପାଇଁ ଏକ ପ୍ରମୁଖ ବାଣିଜ୍ୟ ସହଯୋଗୀ ଭାବରେ ଉଭା ହୋଇଛନ୍ତି । ସେହି ଅଞ୍ଚଳରେ ପ୍ରାୟ ୮ଦଶମିକ ୯ ନିୟୁତ ପ୍ରବାସୀ ଭାରତୀୟ ବସବାସ କରୁଛନ୍ତି । ବିଭିନ୍ନ କ୍ଷେତ୍ରରେ ଭାରତ ଏବଂ ଜିସିସି ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଡ. ଜୟଶଙ୍କର ମଙ୍ଗଳବାରଠାରୁ ଦୁଇ ଦିନିଆ ଜର୍ମାନୀ ଗସ୍ତରେ ଯିବେ। ଏହା ତାଙ୍କର ତୃତୀୟ ଦ୍ୱିପାକ୍ଷିକ ବର୍ଲିନ ଗସ୍ତ । ଉଭୟ ଭାରତ ଏବଂ ଜର୍ମାନୀ ଏକ ଦୃଢ଼ ରଣନୈତିକ ଭାଗିଦାରୀ ଅଂଶୀଦାର ଏବଂ ଜର୍ମାନୀ ଭାରତର ଅନ୍ୟତମ ପ୍ରମୁଖ ବାଣିଜ୍ୟ ସହଯୋଗୀ ଓ ବୃହତ୍ତମ ପ୍ରତ୍ୟକ୍ଷ ବିଦେଶୀ ନିବେଶକଙ୍କ ମଧ୍ୟରୁ ଅନ୍ୟତମ । ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ଜର୍ମାନୀର ଫେଡେରାଲ ବୈଦେଶିକ ମନ୍ତ୍ରୀଙ୍କ ସହିତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

ଜୟଶଙ୍କର ଚଳିତ ମାସ ୧୨ ତାରିଖରୁ ସ୍ୱିଜରଲ୍ୟାଣ୍ଡର ଜେନେଭା ଗସ୍ତରେ ଯିବେ। ଜେନେଭାରେ ଜାତିସଂଘ କାର୍ଯ୍ୟାଳୟ ଏବଂ ଏହାର ଅନ୍ୟାନ୍ୟ ସଂସ୍ଥା ଏବଂ ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟମାନଙ୍କ ସହ ଡକ୍ଟର ଜୟଶଙ୍କର ଆଲୋଚନା କରିବେ ବୋଲି ଜଣାପଡିଛି ।

# ବିଜେପି ଲିଷ୍ଟ

ଜାମ୍ମୁକାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ବିଜେପି ଆଉଏକ ୧୦ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଆର୍.ଏସ୍.ପଠାଣିଆ ପୂର୍ବ ଉଦ୍ଧମପୁର ଆସନରୁ ଏବଂ ଗୁଲାମ ମହମ୍ମଦ ମିର୍ ହାଣ୍ଡୱାରା ଆସନରୁ ପ୍ରାର୍ଥୀ ହୋଇଛନ୍ତି । ବାନ୍ଦିପୋରା ବିଧାନସଭା ଆସନରୁ ନସିର୍ ଅହମ୍ମଦ ଲୋନ୍ ପ୍ରାର୍ଥୀ ହୋଇଛନ୍ତି ।

# ସିର୍କର ରିଜାଇନ୍ ଟିଏମ୍ସି

ତୃଣମୂଳ କଂଗ୍ରେସ ନେତା ଜୋୱାହର ସିରକାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ଦଳର ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏକ ଚିଠି ଲେଖିଛନ୍ତି । ରାଜ୍ୟର ସାମ୍ପ୍ରତିକ ସ୍ଥିତି ନେଇ ସେ କ୍ଷୋଭପ୍ରକାଶ କରିବା ସହ ଇସ୍ତଫା ପ୍ରଦାନ କରିଥିବା ଜଣାଇଛନ୍ତି । ଦଳର ଦୁର୍ନୀତି ଏବଂ ଦଳୀୟ ନେତାଙ୍କ ଏକ ଗୋଷ୍ଠୀର କାର୍ଯ୍ୟକଳାପ ତାଙ୍କୁ ନିରାଶ କରିଥିବା ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ଦୋଷୀଙ୍କୁ ଦଣ୍ଡ

ଦେବାଲାଗି ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି ବୋଲି ସେ କହିଛନ୍ତି ।

## ଜେକେ ଇଲେକ୍ସନ

ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ପ୍ରଚାରକାର୍ଯ୍ୟ କ୍ରମଶଃ ଜୋର୍ ଧରିଛି । ପ୍ରଥମପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ଦାଖଲ, ଯାଞ୍ଚ ଏବଂ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି । ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି । ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିଜନିଜ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଚାଲିଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ରାମବନ ଏବଂ ବନିହାଲର ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ପ୍ରଚାର ଉଦ୍ଦେଶ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଇତିମଧ୍ୟରେ ଜାମ୍ମୁକାଶ୍ମୀର ଗସ୍ତ କରିସାରିଛନ୍ତି । ଶ୍ରୀ ଶାହା ଗତକାଲି ଜାମ୍ମୁର ପାଲୋର ଅଞ୍ଚଳରେ ଏକ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିଥିଲେ । ବିକାଶ ଏବଂ ଜାତୀୟ ନିରାପତ୍ତା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସେ ଏହି ଅବସରରେ ଦୋହରାଇଥିଲେ ।

ସୂଚନାଯୋଗ୍ୟ ଆସନ୍ତା ୧୮ ତାରିଖରେ ପ୍ରଥମପର୍ଯ୍ୟାୟ ବିଧାନସଭା ପାଇଁ ମତଗ୍ରହଣ କରାଯିବ । ରାଜନୈତିକ ଦଳଗୁଡ଼ିକର ତୁଙ୍ଗନେତା ତଥା ଷ୍ଟାର ପ୍ରଚାରକ କ୍ରମଶଃ ପ୍ରଚାର କାର୍ଯ୍ୟରେ ସାମିଲ ହେବା ନେଇ ପ୍ରସ୍ତୁତ ହେଉଛନ୍ତି । ଆସନ୍ତା ୨୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ଅକ୍ଟୋବର

୯ ତାରିଖରେ ତୃତୀୟ ପର୍ଯ୍ୟାୟ ମତଗ୍ରହଣ ସହ ୮ତାରିଖରେ ଭୋଟ୍‌ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

## ଆନ୍ତର୍ଜାତିକ ସାକ୍ଷରତା ଦିବସ

ଆନ୍ତର୍ଜାତିକ ସାକ୍ଷରତା ଦିବସ ଆଜି ପାଳନ କରାଯାଉଛି । ସାକ୍ଷରତାର ମହତ୍ୱ ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୮ ତାରିଖକୁ ଆନ୍ତର୍ଜାତିକ ସାକ୍ଷରତା ଦିବସ ଭାବେ ପାଳନ କରାଯାଏ । ଚଳିତବର୍ଷର ବିଷୟବସ୍ତୁ ରହିଛି 'ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ପାରସ୍ପରିକ ବୁଝାମଣା ଓ ଶାନ୍ତି ପାଇଁ ସାକ୍ଷରତା' । କେନ୍ଦ୍ର ବିଦ୍ୟାଳୟ, ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ସ୍ପେକ୍ଟ୍ରମ ସାକ୍ଷରତା ଶୀର୍ଷକ ଏକ ଆନ୍ତର୍ଜାତିକ ସମ୍ମିଳନୀର ଆୟୋଜନ କରାଯାଇଛି । ସାକ୍ଷାରତାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବା ଲକ୍ଷ୍ୟରେ ଜାତୀୟ ଏବଂ ଆନ୍ତର୍ଜାତିକ ବିଶେଷଜ୍ଞଙ୍କୁ ନେଇ ଏହି ସମ୍ମିଳନୀର ଆୟୋଜନ କରାଯାଇଛି ।

## ଭିପି-ଲିଟ୍ରେସି ଡେ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ଯୁବବର୍ଗଙ୍କୁ ନିଜର ଦକ୍ଷତା ଏବଂ ଚିନ୍ତାଧାରା ପ୍ରକଟ କରିବାରେ ଜାତୀୟ ଶିକ୍ଷାନୀତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସାକ୍ଷାରତା ଦିବସ ଅବସରରେ ଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଧନଖଡ କହିଛନ୍ତି ଭାରତର ଭାଷା ସଂସ୍କୃତି ଅତ୍ୟନ୍ତ ମହାନ । ଜାତୀୟ

ଶିକ୍ଷାନୀତିରେ ମାତୃଭାଷାକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି । ସାକ୍ଷରତା ଲୋକଙ୍କୁ ଆତ୍ମନିର୍ଭର କରିବାରେ ମାର୍ଗଦର୍ଶନ କରିଥାଏ । ସାକ୍ଷାରତା ଦିଗରେ ସମସ୍ତେ ସହଯୋଗ କରିବାକୁ ଉପରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି । ଜଣଙ୍କୁ ସାକ୍ଷର କରିବା ମାନବିକତାର କାର୍ଯ୍ୟ ବୋଲି ଶ୍ରୀ ଧନଖଡ କହିଛନ୍ତି । ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ବିଭିନ୍ନ କ୍ଷେତ୍ରରେ ଭାରତ ଏବେ ଉନ୍ନତିପଥରେ ଗତି କରୁଛି ବୋଲି ଶ୍ରୀ ଧନଖଡ କହିଛନ୍ତି ।

## ନୂଆଁଖାଇ

ଗଣପର୍ବ ନୂଆଖାଇପାଇଁ ଆଜି ପଶ୍ଚିମ ଓଡ଼ିଶା ଉତ୍ସବମୁଖର ହୋଇଉଠିଛି । ଇଷ୍ଟଦେବୀଙ୍କ ପାଖରେ ପ୍ରଥମ ଅମଳ ଖାଦ୍ୟଶସ୍ୟ ଲାଗି ହେବା ପରେ ପରିବାରର ସଦସ୍ୟମାନେ ନବାନ୍ନ ଗ୍ରହଣ କରିଥା'ନ୍ତି । ପଶ୍ଚିମ ଓଡ଼ିଶାର ଶକ୍ତିପୀଠଗୁଡ଼ିକ ମଧ୍ୟରେ ସମ୍ବଲପୁରର ମା' ସମଲେଶ୍ୱରୀ, କଳାହାଣ୍ଡିର ମା' ମାଣିକେଶ୍ୱର, ଜୁନାଗଡ଼ର ମା' ଲଙ୍କେଶ୍ୱରୀ, ବଲାଙ୍ଗିର ଓ ପାଟଣାଗଡ଼ର ମା' ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ଏବଂ ଅନ୍ୟ ଇଷ୍ଟଦେବୀଙ୍କ ନିକଟରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଆଜି ନବାନ୍ନ ଲାଗି ହୋଇଛି ।

ନୂଆଁଖାଇ ଅବସରରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ  ଦେଶବାସୀ ବିଶେଷକରି ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ନୂଆଁଖାଇ ଆମ କୃଷିଭିତ୍ତିକ ଜନଜୀବନର ଏକ ମହାନ୍ ପର୍ବ। **ରାଜ୍ୟପାଳ** ରଘୁବର ଦାସ ନୂଆଁଖାଇ ଅବସରରେ ରାଜ୍ୟବାସୀଙ୍କୁ

ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଅନ୍ନଦାତାମାନଙ୍କର ସହିତ ଆମ ସମାଜର ପ୍ରଗତୀ ନୂଆ ଶିଖରରେ ପହଞ୍ଚିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ଲକ୍ଷ୍ନୌ-ବିଲ୍ଡିଂ କୋଲାପ୍ସ

ଉତ୍ତରପ୍ରଦେଶ ଲକ୍ଷ୍ନୌଠାରେ କୋଠାଭୁଶୁଡି ପଡିବା ଘଟଣାରେ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି ପାଇଛି । ଭଗ୍ନାବଶେଷ ତଳୁ ଆଉ ୩ଜଣଙ୍କର ମୃତଦେହ ଉଦ୍ଧାର ପରେ ମୃତ୍ୟୁସଂଖ୍ୟା ବୃଦ୍ଧିପାଇଛି । ଏଥିରେ ୨୮ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଲକ୍ଷ୍ନୌର ଟ୍ରାନ୍ସପୋର୍ଟ ନଗର ଅଞ୍ଚଳର ହରିମିଲାପ ନାମକ ଏହି ୩ମହଲା କୋଠାଟି ଗତ ସଂଧ୍ୟାରେ  ଭୁଶୁଡି ପଡିଥିଲା । ସେଠାରେ ପ୍ରଥମେ ୫ଜଣଙ୍କର ମୃତଦେହକୁ ଉଦ୍ଧାର କରାଯାଇଥିଲା । ପୁଲିସ ଓ ପ୍ରଶାସନ ସହ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖପ୍ରକାଶ କରିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨ଲକ୍ଷ ଟଙ୍କା ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

## ଫୁଡ୍ ଏଡ୍-ଆଫ୍ରିକା

ଆଫ୍ରିକୀୟ ରାଷ୍ଟ୍ରର ମରୁଡି ପ୍ରଭାବିତ ଅଞ୍ଚଳରେ ଖାଦ୍ୟ ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ଭାରତ ମାନବିକ ସହାୟତା ପଠାଇଛି । ୩ଟି

ଆଫ୍ରିକୀୟ ରାଷ୍ଟ୍ର ଜିମ୍ବାୱେ, ଜାମ୍ବିଆ ଏବଂ ମାଲାୱିକୁ ଏହି ସହାୟତା ପଠାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛି ଗତକାଲି ୧ହଜାର ଟନ୍ ଚାଉଳ ଜିମ୍ବାୱେକୁ ପଠାଯାଇଛି । ଜାମ୍ବିଆକୁ ୧୩ଶହ ଟନ୍ ମକ୍କା ରପ୍ତାନୀ କରାଯାଇଛି । ଏହି ସହାୟତା ଜାମ୍ବିଆର ଖାଦ୍ୟ ଏବଂ ପୁଷ୍ଟିକର ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବ । ମରୁଡି ପ୍ରଭାବିତ ମାଲାୱିକୁ ୧ହଜାର ଟନ୍ ଚାଉଳ ପଠାଯାଇଛି । ଏଲ୍‌ନିନୋ ଦ୍ୱାରା ସୃଷ୍ଟ ଭୟଙ୍କର ମରୁଡିର ମୁକାବିଲା ଲକ୍ଷ୍ୟରେ ଭାରତ ଏହି ମାନବିକ ସହାୟତା ପଠାଇଛି ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।

## ଆଇଏମ୍‌ଡି ପାଣିପାଗ

ଦେଶର ପଶ୍ଚିମ, ପୂର୍ବ ଏବଂ ଦକ୍ଷିଣ ଭାଗରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ମହାରାଷ୍ଟ୍ର, ତେଲେଙ୍ଗାନା ଏବଂ ଓଡ଼ିଶାରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ । ଆସାମ, ମଣିପୁର, ତ୍ରିପୁରା, ମଧ୍ୟପ୍ରଦେଶ, ଛତିଶଗଡ, କୋଙ୍କଣ, ଗୋଆ, ବିଦର୍ଭ, ଉପକୂଳ କର୍ଣ୍ଣାଟକ ଏବଂ ପୂର୍ବ ଉତ୍ତରପ୍ରଦେଶର କେତେକ ସ୍ଥାନରେ ଆସନ୍ତା ସପ୍ତାହରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।